ତ୍ରୟମାସିକ କୃଷି ସମାଚାର ପତ୍ର

# ଇସ୍ପାତ କୃଷି ବାର୍ତ୍ତା

# The Ispat Krushi Bartta

Krishi Vigyan Kendra, Sundargarh-II
Orissa University of Agriculture & Technology, Bhubaneswar

କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୨
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ଚତୁର୍ଥ ବର୍ଷ | ଅକ୍ଟୋବର-ଡିସେମ୍ବର ୨୦୧୭ | ଚତୁର୍ଥ ସଂଖ୍ୟା

## ବରିଷ୍ଠ ବୈଜ୍ଞାନିକଙ୍କ କଲମରୁ



କୃଷି ଏବଂ ଆନୁସଂଗିକ କ୍ଷେତ୍ରରେ ସୁନ୍ଦରଗଡ଼ ଜିଲ୍ଲାର ବିକାଶ ପାଇଁ ଆମ କୃଷିବିଜ୍ଞାନ କେନ୍ଦ୍ର ସଂକଳ୍ପବଦ୍ଧ । ଅର୍ଦ୍ଧ ଶିକ୍ଷିତ ଗ୍ରାମାଞ୍ଚଳର ଯୁବକ ଯୁବତୀ ହୁଅନ୍ତୁ କିମ୍ବା ଉଚ୍ଚ ଶିକ୍ଷିତ ବେକାର ଯୁବକ ଯୁବତୀ ସେମାନେ କିଭଳି ସ୍ୱାବଲମ୍ବନଶୀଳ ହେଇ ରାଜ୍ୟ ତଥା ଦେଶର ବିକାଶରେ ଭାଗିଦାର ହେଇପାରିବେ ସେଥିପାଇଁ ଆମ କେନ୍ଦ୍ର କାର୍ଯ୍ୟରତ । ଉଦ୍ୟୋଗ ଭିତ୍ତିକ ତାଲିମ୍ ପ୍ରଦାନ କରିବା ସହିତ ଉଦ୍ୟୋଗ ନିମିତ୍ତ ଆଗ୍ରହୀ ବ୍ୟକ୍ତି, ଅନୁଷ୍ଠାନ ଏବଂ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକ ବ୍ୟାଙ୍କ ସହିତ ସଂପର୍କ ସ୍ଥାପନ କରାଇବାକୁ ପ୍ରୟାସ ଜାରି ରଖିଛି । ଆଦିବାସୀ ଜନଜାତିମାନଙ୍କର ସାମାଜିକ ଏବଂ ଆର୍ଥିକ ବିକାଶକୁ ଦୃଷ୍ଟିରେ ରଖି କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୨ ଆଦିବାସୀ ଉପଯୋଜନା ମାଧ୍ୟମରେ ଉନ୍ନତ କିସମର ପନିପରିବା ଚାରା, ବନରାଜା କୁକୁଡ଼ା ଚିଆଁ, ଛତୁ ମଞ୍ଜି ବିହନ ଆଦି ବିଭିନ୍ନ ଉତ୍ସାହୀ ଚାଷୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠି ମାଧ୍ୟମରେ ବିତରଣକରି ଏହାର ବୈଷୟୀକ ଜ୍ଞାନକୌଶଳକୁ ଅବଗତ କରାଉଛି । ଇସ୍ପାତ କୃଷି ବାର୍ତ୍ତା ମାଧ୍ୟମରେ ଜିଲ୍ଲାର ସମସ୍ତ ଚାଷୀମାନଙ୍କୁ ଚାଷ ସମ୍ବନ୍ଧୀୟ ଆବଶ୍ୟକୀୟ ସୂଚନା, ବିଭିନ୍ନ ଜ୍ଞାନକୌଶଳ, ସାର ଓ କୀଟନାଶକ ପ୍ରୟୋଗ ଏବଂ ଉନ୍ନତ ଅମଳକ୍ଷମ ବିହନ ସଂପର୍କରେ ଅବଗତ କରାଯାଇଥାଏ ।

## କୃଷିଜୀବି ମହିଳା ଦିବସ ପାଳିତ



ମହିଳାମାନେ ଅନେକ କୃଷିକାର୍ଯ୍ୟ ଯେପରିକି ମଞ୍ଜିବୁଣା, ଚାରା ଉତ୍ପାଦନ, ଘାସବଛା, ଫସଲ ଅମଳ ଓ ସାଇତା, ବଜାରରେ ବିକ୍ରିବଟା ପଶୁ ସଂପଦର ରକ୍ଷଣାବେକ୍ଷଣ ଇତ୍ୟାଦି ଅନେକ କାର୍ଯ୍ୟ ନିର୍ବାହ କରିଥାନ୍ତି । ସେମାନଙ୍କର କାର୍ଯ୍ୟର ଗୁରୁତ୍ୱ ଉପଲବ୍ଧ କରିବା ଏବଂ ସେମାନଙ୍କର କାର୍ଯ୍ୟକ୍ଷମତାକୁ ଉନ୍ନତ କରିବା ପାଇଁ ପ୍ରତିବର୍ଷ ଡିସେମ୍ବର ୪ ତାରିଖରେ କୃଷିଜୀବି ମହିଳା ଦିବସ ପାଳନ କରାଯାଏ । ଏ ବର୍ଷ କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ଼-୨ ତରଫରୁ ବିଶ୍ରା ବ୍ଲକର ଖଟନକୁଦୁର ଗ୍ରାମରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅନ୍ୟୁନ ୫୦ ଜଣ ମହିଳା ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ମଣ୍ଡଳୀ ମହିଳାମାନଙ୍କୁ କୃଷି ସମ୍ବନ୍ଧୀୟ ବ୍ୟବସାୟ ଦ୍ୱାରା ନିଜର ରୋଜଗାର ବଢ଼ାଇବାକୁ ପରାମର୍ଶ ଦେଇଥିଲି । କୃଷି କ୍ଷେତ୍ରରେ ମହିଳାମାନଙ୍କ ଶ୍ରମହାର ଲାଘବ ପାଇଁ ଉପଲବ୍ଧ ଯନ୍ତ୍ରପାତି ବିଷୟରେ ଆଲୋକପାତ କରାଯାଇଥିଲା ।

## ବିଶ୍ୱ ଖାଦ୍ୟ ଦିବସ ପାଳନ



ସାଂପ୍ରତିକ ସମାଜରେ ଅନାହାର ଏବଂ ଅପପୁଷ୍ଟିକୁ ଦୂରକରିବା ଏକ ମୁଖ୍ୟ ସମସ୍ୟା ଭାବେ ଦେଖାଦେଇଛି । ଏହି ସମସ୍ୟାର ସମାଧାନ ନିମନ୍ତେ ଉନ୍ନତମାନର କୃଷିକାର୍ଯ୍ୟ ଦ୍ୱାରା ସମାଜର ସମସ୍ତ ବର୍ଗର ଲୋକମାନଙ୍କର ଖାଦ୍ୟ ନିରାପତ୍ତା ସୃଷ୍ଟି କରିବା ଏବଂ କୃଷକ ସମାଜରେ ସଚେତନତା ସୃଷ୍ଟି କରିବା ପାଇଁ ଚଳିତ ବର୍ଷ ଅକ୍ଟୋବର ୧୬ ତାରିଖରେ ସୁନ୍ଦରଗଡ଼ ଜିଲ୍ଲାର କୁଆଁରମୁଣ୍ଡା ବ୍ଲକ ଅନ୍ତର୍ଗତ ପୁତ୍ରିଖମନ ଗ୍ରାମରେ ବିଶ୍ୱ ଖାଦ୍ୟ ଦିବସ ପାଳିତ ହୋଇଥିଲା । କୃଷି ବିଜ୍ଞାନ କେନ୍ଦ୍ର ସୁନ୍ଦରଗଡ଼-୨ ର ବୈଜ୍ଞାନିକ ମଣ୍ଡଳୀ, କୃଷି ବିଭାଗର କର୍ମକର୍ତ୍ତାଙ୍କ ସମେତ ୫୦ରୁ ଉର୍ଦ୍ଧ୍ୱ କୃଷକ, କୃଷିଜୀବି ମହିଳା ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ । ଏହି ଉତ୍ସବର ବିଶେଷ ଆକର୍ଷଣ ଥିଲା ଶିବଯୋଗ କୃଷି ମାଧ୍ୟମରେ କୃଷିକାର୍ଯ୍ୟକୁ ଶକ୍ତିଶାଳୀ କରିବା । ଏଥିରେ ଯୋଗକ୍ରିୟା ମାଧ୍ୟମରେ ସୂର୍ଯ୍ୟରଶ୍ମି ଦ୍ୱାରା ନିଜର ଫସଲ ଓ ଜମିକୁ ପୁଷ୍ଟ କରିବା ପାଇଁ କୃଷକ ସମାଜକୁ ଶିକ୍ଷା ଦିଆଯାଉଥିଲା । କୃଷିରେ ଉତ୍ପାଦନ ବୃଦ୍ଧି ସହିତ ସୁଷମ ଖାଦ୍ୟର ଉପଯୋଗିତା ବିଷୟରେ ଆଲୋକପାତ କରାଯାଇଥିଲା ।

Achievements

## ଘରେବସି ମୋବାଇଲ୍‌ରେ କୃଷିସମ୍ବନ୍ଧୀୟ ଜ୍ଞାନ ପାଆନ୍ତୁ

## ଅଦିନିଆ ଟମାଟୋ ଫସଲର କ୍ଷେତ୍ର ପରୀକ୍ଷଣ



ସାଧାରଣତଃ ସୁନ୍ଦରଗଡ଼ ଜିଲ୍ଲାରେ ଚାଷୀମାନେ ଟମାଟୋକୁ ଶୀତଦିନେ ଉତ୍ପାଦନ କରିଥାଆନ୍ତି କିନ୍ତୁ ସେମାନେ ଏଥିରୁ ଏକ ସମୟରେ ବହୁଳ ଉପଲବ୍ଧତା ହେତୁ ଆଶାନୁରୂପ ଉପାର୍ଜନ କରିପାରନ୍ତି ନାହିଁ । ଏହି ଅସୁବିଧାକୁ ଆଖି ଆଗରେ ରଖି କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ ଅଦିନିଆ ଟମାଟୋ ଫସଲର ଏକ କ୍ଷେତ୍ର ପରୀକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଏଥିପାଇଁ ଗୁଡୁଗୁଡା ଏବଂ ଚିକିଟିଆ ଗ୍ରାମର ପ୍ରାୟ ୧୦ ଜଣ ଚାଷୀଙ୍କୁ ଟମାଟୋର ତିନୋଟି କିସମ ଅର୍କା ରକ୍ଷକ, ଅର୍କା ସମ୍ରାଟ ଏବଂ ଲକ୍ଷ୍ମୀ ୫୦୦୫ ଚାଷୀମାନଙ୍କୁ ଅଗଷ୍ଟ ମାସରେ ଦିଆଯାଇଥିଲା । ସେମାନଙ୍କୁ ବର୍ଷାଦିନେ ଟମାଟୋ ତଳିଘୋରାର ପ୍ରସ୍ତୁତି, ମଞ୍ଜି, ମାଟି ବିଶୋଧନ ଏବଂ ତଳିଘୋରାକୁ ଆଚ୍ଛାଦନ ପାଇଁ ପଲିଥିନ୍ ପ୍ରଦାନ କରାଯାଇଥିଲା । ବର୍ଷାଦିନେ ପାଣିର ନିଷ୍କାସନ ପାଇଁ ପ୍ରବନ୍ଧନ କରିବା, ଟମାଟୋକୁ ହିଡ଼ରେ ଲଗାଇବା ଆଦି ପାଇଁ ସେମାନଙ୍କୁ ସମୟ ସମୟରେ ତାଲିମ୍ ପ୍ରଦାନ କରାଯାଇଥିଲା । ଏହି ତିନୋଟି କିସମ ଯଥା ଅର୍କାରକ୍ଷକ, ଅର୍କା ସମ୍ରାଟ ଏବଂ ଲକ୍ଷ୍ମୀ ୫୦୦୫ ଚାଷ କରି ସେମାନେ ପ୍ରାୟ ୨୦ ଡିସିମିଲି ଯାଗାକୁ ପ୍ରାୟ ଯଥାକ୍ରମେ ୩୩.୬ ଏବଂ ୩୫.୨ କ୍ୟୁଣ୍ଟାଲ୍ ଅମଳ ପାଇଥିଲେ । ଏହି ତିନି କିସମ ମଧ୍ୟରୁ ଅର୍କାରକ୍ଷକର ଅମଳ ଅନ୍ୟ ଦୁଇ କିସମ ଅପେକ୍ଷା ଅଧିକ ଥିଲା । ସ୍ଥାନୀୟ ଚାଷୀମାନେ ଆଗାମୀ ବର୍ଷରେ ଟମାଟୋ । ଏହି କିସମକୁ ଆପଣେଇବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।

## ସହଭାଗୀ ଧାନର ଆଗୁଆ ଧାଡ଼ି ପ୍ରଦର୍ଶନ



ସୁନ୍ଦରଗଡ଼ ଜିଲ୍ଲାର ଢ଼ିପ ଜମି ମାନଙ୍କରେ ଚାଷୀ ସଅଳ କିସମ ଧାନ ଚାଷକୁ ଏକ ମୁଖ୍ୟ ଫସଲ ରୂପେ ନେଇଥାଆନ୍ତି । କିନ୍ତୁ ସ୍ଥାନୀୟ ଦେଶୀ କିସମ ଧାନରୁ ସେମାନେ ଆଶାନୁରୂପ ଅମଳ ପାଇନଥାନ୍ତି । କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଗୁଡୁଗୁଡା ଗ୍ରାମରେ ସଅଳ କିସମ ଧାନ ସହଭାଗୀର ଏକ ଆଗୁଆ ଧାଡ଼ି ପ୍ରଦର୍ଶନ କାର୍ଯ୍ୟକ୍ରମ କରାଯାଇଥିଲା । ଗ୍ରାମର ୫ ଜଣ ଚାଷୀଙ୍କୁ ଧାନ ବିହନ ଯୋଗାଇବା ସଙ୍ଗେ ସଙ୍ଗେ ସେମାନଙ୍କୁ ଧାନ ଚାଷର ଉନ୍ନତ ବୈଷୟିକ ଦିଗ ପ୍ରତି ପ୍ରଶିକ୍ଷଣ ମାଧ୍ୟମରେ ସଚେତନ କରାଯାଇଥିଲା । ଏକ କ୍ଷେତ୍ର ଦିବସ ଆୟୋଜନ କରାଯାଇ ସେମାନଙ୍କୁ ଏହି ଧାନର ବିଶେଷତା ବିଷୟରେ ଗ୍ରାମର ଚାଷୀମାନଙ୍କୁ ଅବଗତ କରାଯାଇଥିଲା । ଏହି ଧାନ ଚାଷ କରି ସେମାନେ ହେକ୍ଟର ପ୍ରତି ପ୍ରାୟ ୩୧.୫ କ୍ୟୁଣ୍ଟାଲ୍ ଅମଳ ପାଇଥିଲେ ଯାହାକି ତାଙ୍କର ପାରମ୍ପରିକ କିସମଠାରୁ ୧୮% ଅଧିକ ଥିଲା । ଏହି ଧାନର ମରୁଡ଼ି ସହଣୀ ଗୁଣ ଏବଂ ସ୍ୱଳ୍ପ ଦିନରେ ଅମଳ ହୋଇପାରୁଥିବା ଯୋଗୁଁ ଆଗାମୀ ବର୍ଷରେ ଗୁଡୁଗୁଡା ଗ୍ରାମବାସୀମାନେ ଏହାକୁ ଅଧିକ ମାତ୍ରାରେ ଚାଷ କରିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।



## ଚାଷ ସମ୍ବନ୍ଧୀୟ କେତେକ ଆବଶ୍ୟକୀୟ ସୂଚନା

- ରୁଆ ଧାନରେ ହେକ୍ଟର ପ୍ରତି ୨.୫ କି.ଗ୍ରା. ଏଜୋସ୍ପିରିଲିୟମ ଏବଂ ୨.୫ କି.ଗ୍ରା. ଫସ୍ଫୋବ୍ୟାକ୍ଟରକୁ ୬୦ ଲିଟର ପାଣିରେ ମିଶାଇ ଏକ ମଣ୍ଡ ପ୍ରସ୍ତୁତ କରନ୍ତୁ ଏବଂ ଏହି ମଣ୍ଡରେ ଧାନତଳି ଚେରକୁ ୨୦ରୁ ୩୦ ମିନିଟ୍ ବୁଡ଼ାଇ ରୋପଣ କରନ୍ତୁ ।
- ପିଆଜରେ ଘାସ ନିୟନ୍ତ୍ରଣ କରିବା ପାଇଁ ପିଆଜ ଲଗାଇବାର ୩ଦିନ ମଧ୍ୟରେ ପ୍ରତି ଲିଟର ପାଣିରେ ୦.୪ ମିଲିଲି ଅକ୍ସିଫ୍ଲୋରଫେନ୍ ମିଶାଇ ମାଟିରେ ସିଞ୍ଚନ କରନ୍ତୁ ।
- ପନିପରିବା ନର୍ସରୀ ପାଇଁ ମାଟିକୁ ଭଲଭାବେ ଗୁଣ୍ଡକରି ଏଥିରେ ୧ ବର୍ଗମିଟର ପ୍ରତି ୨ କି.ଗ୍ରା. ନିମ ବା କରଞ୍ଜ ପିଡ଼ିଆ ପ୍ରୟୋଗ କରନ୍ତୁ ।
- ପାକଶାଳା ବଗିଚାରେ କାକୁଡ଼ି, ଜହ୍ନି, ଛଚିନ୍ଦ୍ରା, ତରଭୁଜ, କଲରା ଏବଂ କଖାରୁ ଚାଷ କରାଯାଇ ପାରେ ।
- ପନିପରିବା ଫସଲରେ ଜଳସେଚନ ଓ ଜଳ ନିଷ୍କାସନ ବ୍ୟବସ୍ଥା କରନ୍ତୁ ।

### ସଂପାଦନା

**ପ୍ରକାଶକ ଓ ମୁଖ୍ୟ ସଂପାଦକ**
ଜୟନ୍ତ କୁମାର ପତି
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

**ସଂପାଦନା ମଣ୍ଡଳୀ**
ଶ୍ରୀଯୁକ୍ତ ସଞ୍ଜୟ କୁମାର ପ୍ରଧାନ
ଶ୍ରୀମତୀ ବିଜୟଲକ୍ଷ୍ମୀ ସାହୁ
ଶ୍ରୀମତୀ ଅନୁଭା କୁଜୁର

**ସହାୟତା:**
ସୋମଦତ୍ତ ମହାନ୍ତି

**ଯୋଗାଯୋଗ:**
କୃଷିବିଜ୍ଞାନ କେନ୍ଦ୍ର, ହକିଛକ, ପାନପୋଷ
ରାଉରକେଲା- ୭୬୯୦୦୪
ଫୋନ: ୦୬୬୧-୨୬୬୪୦୫୦
E-mail: kvksundergarh2.ouat@gmail.com
www.kvksundargarh2.org

This Newsletter is Printed, Published & Owned by Programme Co-ordinator, KVK, Sundargarh-II, Rourkela, Dist: Sundargarh, Pin: 759004, Phone: 0661-2664050, e-mail: rourkelakvk@gmail.com, Web: www.kvksundargarh2.org, Printed at: ankitagraphics, BBSR, Cell: 9437077337
Chief Editor: Jayant Kumar Pati

Ispat Krushi Bartta

## ଅଦିନିଆ ଫୁଲକୋବି ଚାଷର କ୍ଷେତ୍ର ପରୀକ୍ଷଣ



ଶୀତଦିନେ ସୁନ୍ଦରଗଡ଼ ଜିଲ୍ଲାରେ ଫୁଲକୋବିର ଅତ୍ୟଧିକ ଅମଳ ଯୋଗୁ ବଜାରରେ ଏହାର ଦାମ୍ କମ୍ ହୋଇଯାଏ ଫଳରେ ଚାଷୀମାନେ ଆଶାନୁରୂପ ଲାଭ ପାଇ ପାରିନଥାନ୍ତି । ଏହି ଅସୁବିଧାକୁ ଦୃଷ୍ଟିରେରଖି କୃଷି ବିଜ୍ଞାନ କେନ୍ଦ୍ର, ରାଉରକେଲା ପକ୍ଷରୁ ଅଦିନିଆ ଫୁଲକୋବି ଚାଷର ଏକ କ୍ଷେତ୍ର ପରୀକ୍ଷଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଏଥିପାଇଁ ଗୁଡୁଗୁଡ଼ା ଓ ଚିକିଟିଆ ଗ୍ରାମର ପ୍ରାୟ ୧୦ଜଣ କୃଷିଜୀବୀ ମହିଳାଙ୍କୁ ପ୍ରୋତ୍ସାହିତ କରାଯିବା ସହିତ ଗତ ଅଗଷ୍ଟ ମାସରେ ଫୁଲକୋବିର 'ଅତିଶୀଘ୍ର' କିସମକୁ ଚୟନ କରି ଚାଷ କରାଯିବା ସମସ୍ତ ସୁବିଧା ଯୋଗାଇ ଦିଆଯାଇଥିଲା । ସେମାନଙ୍କୁ ବର୍ଷାଦିନେ ଫୁଲକୋବିର ଚାରା ପ୍ରସ୍ତୁତି, ମଞ୍ଜି ଓ ମାଟି ବିଶୋଧନ ଏବଂ ସ୍ୱଳ୍ପ ମୂଲ୍ୟର ପଲିଥିନ୍ ଘରକରି ଚାରା ଉତ୍ପାଦନ କରିବା ପାଇଁ ପ୍ରଶିକ୍ଷଣ ଦିଆଯାଇଥିଲା । ଏହି ଚାଷରୁ ସେମାନେ ଅକ୍ଟୋବର ଶେଷ ସପ୍ତାହ ସୁଦ୍ଧା ଅମଳକରି ବଜାରରେ ଉଚ୍ଚା ଦରରେ ବିକ୍ରି କରିଥିଲେ । ଏହି କିସମ ଫୁଲକୋବିରୁ ଏକର ପ୍ରତି ୮୦ କ୍ୱିଣ୍ଟାଲ ହିସାବରେ ଅମଳ ପାଇଥିଲେ ।

## ପାଳଛତୁ ଚାଷର ସଫଳ ପ୍ରଦର୍ଶନ



ପାଳଛତୁର ସ୍ୱାଦ ଏବଂ ପୌଷ୍ଟିକତା ଯୋଗୁଁ ବଜାରରେ ଏହାରଚାହିଦା ଖୁବ୍ ବେଶୀ । ସୁନ୍ଦରଗଡ଼ ଜିଲ୍ଲାର ଚାଷୀମାନେ ମଧ ଏହି ବିଷୟରେ ସଚେତନ ହୋଇ ଛତୁଚାଷ ପାଇଁ ବିଶେଷ ଆଗ୍ରହ ପ୍ରଦର୍ଶନ କରୁଛନ୍ତି । ଏହି ପରିପ୍ରେକ୍ଷୀରେ ପୁଟ୍ରିଖମନ ଗ୍ରାମରେ ପାଳଛତୁ ଚାଷ ବିଷୟରେ ତାଲିମ ପ୍ରଦାନ କରାଯିବା ସହିତ ଗ୍ରାମର ମହିଳା ଚାଷୀମାନଙ୍କୁ ପାଳଛତୁ ଚାଷ ପ୍ରଦର୍ଶନ କରାଯାଇଥିଲା । ସେମାନଙ୍କ ଜମିରେ ଧାନଚାଷରୁ ଉତ୍ପନ୍ନ ହେଉଥିବା ନଡ଼ାକୁ ବ୍ୟବହାର କରି ସେମାନେ ସ୍ୱଳ୍ପ ବ୍ୟୟରେ ପାଳଛତୁ ଚାଷକରି ଗୋଟିଏ ବେଡ୍‌ରୁ ପ୍ରାୟ ୧୩୦୦ଗ୍ରାମ୍ ଛତୁ ଅମଳ ପାଇଥିଲେ । ପାଳଛତୁର ବଜାର ଦର ରାଉରକେଲା ସହରରେ ପ୍ରାୟ ୨୦୦ଟଙ୍କାରୁ ୨୫୦ଟଙ୍କାରେ ବିକ୍ରି ହୋଇଥିଲା ।

## ଝୁଡ଼ଙ୍ଗ କାଶୀକାଞ୍ଚନର ସଫଳ ଆଗୁଆ ଧାଡ଼ି ପ୍ରଦର୍ଶନ



କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ତରଫରୁ ନିଜର ପୋଷ୍ୟଗ୍ରାମ ଗୁଡୁଗୁଡାଠାରେ ଝୁଡ଼ଙ୍ଗ ଚାଷ ଉପରେ ଏକ ଆଗୁଆ ଧାଡ଼ି ପ୍ରଦର୍ଶନ କରାଯାଇଥିଲା । ଏହା ମାଧମରେ ଚାଷୀମାନଙ୍କୁ ଝୁଡ଼ଙ୍ଗର ଏକ ଉନ୍ନତ କିସମ କାଶୀକାଞ୍ଚନ ଯୋଗାଇଦିଆଯାଇଥିଲା । ଏଥିପାଇଁ ଝୁଡ଼ଙ୍ଗ ଚାଷ ବିଷୟରେସେମାନଙ୍କୁ ଆମ କେନ୍ଦ୍ରର ଅଭିଜ୍ଞ ବୈଜ୍ଞାନିକ ସଞ୍ଜୟ କୁମାର ପ୍ରଧାନଙ୍କ ଦ୍ୱାରା ଆବଶ୍ୟକୀୟ ତାଲିମ୍ ପ୍ରଦାନ କରାଯାଇଥିଲା । ସେହି ଜ୍ଞାନ କୌଶଳକୁ ଅବଲମ୍ବନ କରି ସେମାନେ ଝୁଡ଼ଙ୍ଗର ଏହି କିସମରୁ ହେକ୍ଟର ପିଛା ପ୍ରାୟ ୯୬ କ୍ୟୁଣ୍ଟାଲ୍ ଅମଳ ପାଇପାରିଥିଲେ ଯାହାକି ସେମାନଙ୍କର ପାରମ୍ପରିକ କିସମ ଅପେକ୍ଷା ପ୍ରାୟ ୨୦% ଅଧିକ ଥିଲା । ଅନ୍ୟ କିସମ ଅପେକ୍ଷା ଏହାର ସହଳ ଉତ୍ପାଦନ କ୍ଷମତା, ଗ୍ରାହକ ପ୍ରାଥମିକତା ଆଦି ଯୋଗୁଁ ଏହା ଚାଷୀମାନଙ୍କର ଖୁବ୍ ପସନ୍ଦ ହୋଇପାରିଥିଲା । ସ୍ଥାନୀୟ ବଜାରରେ ଚାଷୀମାନେ ଏହି କିସମକୁ ବିକ୍ରିକରି ଅଧିକ ଦୁଇପଇସା ଉପାର୍ଜନ କରିଥିଲେ । ଆଗାମୀ ଦିନରେ ସେମାନେ କାଶୀକାଞ୍ଚନ ଝୁଡ଼ଙ୍ଗକୁ ବହୁଳ ଭାବରେ ଚାଷ କରିବା ପାଇଁ ମନସ୍ଥ କରିଛନ୍ତି ।

## ଜୟ କିସାନ ଜୟ ବିଜ୍ଞାନ ଦିବସ ପାଳନ




କୃଷି ବିଜ୍ଞାନ କେନ୍ଦ୍ର, ସୁନ୍ଦରଗଡ଼-୨ ପକ୍ଷରୁ ବିଶ୍ରା ବ୍ଲକର ଖଟନକୁଦର ଗ୍ରାମରେ ଗତ ଡିସେମ୍ବର ୨୪ ତାରିଖରେ ଜୟ କିଶାନ ଜୟ ବିଜ୍ଞାନ ଦିବସ ପାଳନ କରାଯାଇଥିଲା । ଏହି ଉତ୍ସବର କୃଷିକାର୍ଯ୍ୟରେ ବୈଜ୍ଞାନିକ ପଦ୍ଧତିର ମହତ୍ତ୍ୱ ବିଷୟ ଆଲୋକପାତ କରି ସମନ୍ୱିତ କୃଷିରେ ଚାଷୀମାନଙ୍କ ଆୟ ଦ୍ୱିଗୁଣିତ କରିବା ପାଇଁ ପଦକ୍ଷେପ ଗୁଡ଼ିକ ଆଲୋଚନା କରାଯାଇଥିଲା । ମୁଖ୍ୟ ଶସ୍ୟ ଫସଲ ସହିତ ପନିପରିବା ଗୋପାଳନ, କୁକୁଡ଼ାପାଳନ, ଛେଳି ପାଳନ ଛତୁ ଚାଷ, କୃଷିଜାତ ଦ୍ରବ୍ୟରୁ ମୂଲ୍ୟବୃଦ୍ଧି ଯୁକ୍ତି ପଦାର୍ଥ ଇତ୍ୟାଦି ପ୍ରସ୍ତୁତି ଦ୍ୱାରା ବିଶେଷ କରି ମହିଳାମାନେ ପରିବାରର ଆୟ ବୃଦ୍ଧି କରିବା ପାଇଁ ଶିକ୍ଷା ପ୍ରଦାନ କରାଯାଇଥିଲା । ଅନ୍ୟନ ୧୦୦ରୁ ଉର୍ଦ୍ଧ୍ୱ ଚାଷୀ ଓ ମହିଳା ଯୋଗ ଦେଇଥିଲେ । ଶେଷରେ ସମସ୍ତେ କୃଷି ବିଷୟରେ ସ୍ଲୋଗାନ କରି ରୋଡ଼ସୋ କାର୍ଯ୍ୟକ୍ରମରେ ଗ୍ରାମ ପରିକ୍ରମା କରିଥିଲେ ।

## ବର୍ଷାଦିନିଆ ବିରି ଫସଲର ଆଗୁଆ ଧାଡ଼ି ପ୍ରଦର୍ଶନ




ସୁନ୍ଦରଗଡ଼ ଜିଲ୍ଲାରେ ଡ଼ାଲିଜାତୀୟ ଫସଲ ମଧ୍ୟରେ ବିରି ଏକ ମୁଖ୍ୟ ଫସଲ ରୂପେ ପରିଗଣିତ ହୋଇଥାଏ । କିନ୍ତୁ ଆବଶ୍ୟକୀୟ ଜ୍ଞାନ କୌଶଳର ଅଭାବ ଯୋଗୁଁ ସ୍ଥାନୀୟ ଚାଷୀମାନେ ଅପେକ୍ଷାକୃତ କମ୍ ଲାଭବାନ ହୋଇଥାଆନ୍ତି । କୃଷି ବିଜ୍ଞାନ କେନ୍ଦ୍ର ତରଫରୁ କ୍ଲଷ୍ଟର ଡ଼େମୋନଷ୍ଟ୍ରେସନ କାର୍ଯ୍ୟକ୍ରମ ମାଧମରେ ଗୁରୁଣ୍ଡିଆ ବ୍ଲକ୍‌ର ସୋଲଗୁଡ଼ା ଠାରେ ବିରି ଫସଲର ଆଗୁଆ ଧାଡ଼ି ପ୍ରଦର୍ଶନ କରାଯାଇଥିଲା । ଏଥିରେ ଗ୍ରାମର ଅଗ୍ରଣୀ ୬୦ ଜଣ ଚାଷୀଙ୍କୁ ବିହନ କିସମ PU-31, ମଞ୍ଜି ବିଶୋଧନ, ଘାସ ଦମନ, ରୋଗ ପୋକ ନିରାକାରଣ ପାଇଁ ବିଭିନ୍ନ ପ୍ରକାର ଔଷଧମାନ ବଣ୍ଟା ଯାଇଥିଲା । ସେମାନଙ୍କୁ ମଞ୍ଜି ବିଶୋଧନ, ଧାଡ଼ି ବୁଣା, ଘାସ ନିୟନ୍ତ୍ରଣ ପାଇଁ ପ୍ରଶିକ୍ଷଣ ମଧ ଦିଆଯାଇଥିଲା । ଏଠାରେ ଏକ କ୍ଷେତ୍ର ଦିବସ ଆୟୋଜନ କରାଯାଇ ଚାଷୀମାନଙ୍କୁ ଏହି ଜ୍ଞାନ କୌଶଳର ଉପକାରିତା ଉପାୟରେ ଅବଗତ କରାଯାଇଥିଲା । ଏହି ବିରି ଚାଷ କରି ସେମାନେ ହେକ୍ଟର ପ୍ରତି ପ୍ରାୟ ୫.୩ କ୍ୟୁଣ୍ଟାଲ୍ ଅମଳ ପାଇଥିଲେ ଯାହାକି ସେମାନଙ୍କ ପାରମ୍ପରିକ ପଦ୍ଧତି ଅପେକ୍ଷା ୫୮% ଅଧିକ ଥିଲା । ଆଗାମୀ ଦିନରେ ଏହି ଉପାୟ ଅବଲମ୍ବନ କରି ଅଧିକ ଜମିରେ ବିରି ଚାଷ କରିବା ପାଇଁ ଇଚ୍ଛା କରିଛନ୍ତି ।

## ଭେଣ୍ଡି ଫସଲର ଆଗୁଆ ଧାଡ଼ି ପ୍ରଦର୍ଶନ



ବର୍ଷାଦିନେ ସୁନ୍ଦରଗଡ଼ ଜିଲ୍ଲାରେ ଭେଣ୍ଡି ଏକ ମୁଖ୍ୟ ଫସଲ । ମାତ୍ର ଉପଯୁକ୍ତ ଜ୍ଞାନକୌଶଳ ଅଭାବରୁ ଚାଷୀମାନେ ଭେଣ୍ଡିଚାଷରୁ ଆଶାନୁରୂପ ଲାଭ ପାଇପାରି ନଥାନ୍ତି । ଏହି ଅସୁବିଧାକୁ ଆଖି ଆଗରେ ରଖି ଆମ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ପୋଷ୍ୟଗ୍ରାମ ଖଟନକୁଦର ଠାରେ ଭେଣ୍ଡି ଫସଲରେ ସମନ୍ୱିତ ଖାଦ୍ୟସାର ପ୍ରୟୋଗର ଏକ ଆଗୁଆ ଧାଡ଼ି ପ୍ରଦର୍ଶନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଏହି ଗ୍ରାମର ୫ଜଣ ଚାଷୀଙ୍କୁ ଭେଣ୍ଡି ଫସଲରେ ପ୍ରୟୋଗ କରିବା ପାଇଁ ବିଭିନ୍ନ ପ୍ରକାରର ରାସାୟନିକ ସାର ଯଥା: ଡ଼ିଏପି, ୟୁରିଆ, ପଟାସ୍ ଏବଂ ଜୀବାଣୁ ସାର ଆଜୋଟୋବ୍ୟାକ୍ଟର ଆଦି ପ୍ରଦାନ କରାଯାଇଥିଲା । ଏଥି ନିମନ୍ତେ ସେମାନଙ୍କୁ ଖାଦ୍ୟସାର ପ୍ରୟୋଗର ବିଧି, ପରିମାଣ ଏବଂ ସମୟ ବିଷୟରେ ତାଲିମ୍ ପ୍ରଦାନ କରାଯାଇଥିଲା । ପରବର୍ତ୍ତୀ ପର୍ଯ୍ୟାୟରେ ଦେଖାଗଲା ଯେ ସମନ୍ୱିତ ଖାଦ୍ୟ ସାର ପ୍ରୟୋଗ କରି ସେମାନେ ଭେଣ୍ଡି ଫସଲରୁ ପ୍ରାୟ ହେକ୍ଟର ପିଛା ୧୦୫ କ୍ୟୁଣ୍ଟାଲ୍ ଅମଳ ପାଇଥିଲେ । ଯାହାକି ସେମାନଙ୍କ ପାରମ୍ପରିକ ପଦ୍ଧତି ଅପେକ୍ଷା ୧୭% ଅଧିକ ଥିଲା । ଗ୍ରାମର ଅନ୍ୟାନ୍ୟ ଚାଷୀଭାଇମାନେ ମଧ ଏହି କ୍ଷେତ୍ରପ୍ରଦର୍ଶନ କାର୍ଯ୍ୟକ୍ରମ ଦେଖି ବେଶ୍ ଉତ୍ସାହିତ ହୋଇଛନ୍ତି । ଆଗାମୀ ଦିନରେ ସେମାନେ ଏହିପରି ସାର ପ୍ରୟୋଗ କରି ଭେଣ୍ଡି ଫସଲରେ ଅଧିକ ଅମଳ ପାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି ।

## ଆଦିବାସୀ ଉପଯୋଜନା ଅନ୍ତର୍ଗତ ପାକଶାଳା ବଗିଚାର ପ୍ରଦର୍ଶନ



ଆଦିବାସୀ ପରିବାର ଗୁଡ଼ିକରେ ଆର୍ଥିକ ଅନାଟନ ଏବଂ ସଚେତନତା ଅଭାବରୁ ସୁଷମ ଖାଦ୍ୟର ଅଭାବ ଏକ ସାଧାରଣ ସମସ୍ୟା ଭାବେ ଦେଖାଦେଇଛି । ପନିପରିବାର ଅତ୍ୟଧିକ ମୂଲ୍ୟବୃଦ୍ଧି ଯୋଗୁଁ ଆଦିବାସୀ ପରିବାରର ମହିଳା ଓ ଶିଶୁମାନେ ଅନେକ ଖାଦ୍ୟସାର ଅଭାବ ଜନିତ ସ୍ୱାସ୍ଥ୍ୟ ସମସ୍ୟାର ଶିକାର ହୋଇଥାନ୍ତି । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର ରାଉରକେଲା ଦ୍ୱାରା ବାଗବୁଡ଼ି ଗ୍ରାମରେ ମହିଳାମାନଙ୍କୁ ପାକଶାଳା ବଗିଚା କରିବା ନିମନ୍ତେ ପ୍ରଶିକ୍ଷଣ ଦିଆଯାଉଛି । ଉନ୍ନତ ପ୍ରଣାଳୀ ତଥା ବୈଜ୍ଞାନିକ ପଦ୍ଧତିରେ ପାକଶାଳା ବଗିଚା କରିବା ପାଇଁ ସେମାନଙ୍କୁ ଉନ୍ନତି ମାନର ମଞ୍ଜି ଓ ପନିପରିବା ଚାରା ଆଦିବାସୀ ଉପଯୋଜନା ମାଧମରେ ଯୋଗାଇ ଦିଆଯାଇଥିଲା । ୨୦୦ ବର୍ଗ ମିଟର ଆୟତାକାର କ୍ଷେତ୍ରରେ ସେମାନେ ପଟାଳୀ କରି ଭେଣ୍ଡି, ବାଇଗଣ, ଲଙ୍କା, ଟମାଟୋ, ଫୁଲକୋବି, ବନ୍ଧାକୋବି, ଶାଗ ଇତ୍ୟାଦି । ଚାଷ କରି ନିଜର ପରିବାରରେ ଆବଶ୍ୟକତା ପୂରଣ କରିବା ସହିତ ଅବଶିଷ୍ଟ ଉତ୍ପାଦକ ବିକ୍ରି କରି ବିଶେଷ ଲାଭାନ୍ୱିତ ହୋଇଥିଲେ ।